# Government of Odisha

## ST & SC Development and Minority Community & Other Backward Class Welfare Department

All eligible **ST/SC/OBC/MINORITY** students studying at Post-Matriculation or Post-Secondary stages are hereby informed that as per **Government of India** instruction, seeding of Aadhar number to the bank account of the beneficiary has been made mandatory to avail Post Matric Scholarship. Therefore, it has been decided by the Government to update the Bank Account of the students who have applied for Post Matric Scholarship by seeding their Aadhar number at Student level/Institute level in PRERANA Portal/MOMA Portal respectively.

As the financial year is at its fag end, therefore the students are requested to complete the process on or before 05.02.2015 positively. The students who are yet to seed their Aadhar number should follow the following steps to update their data.

| **In case of any problem faced by the students regarding Aadhar updation, kindly follow it:** | | |
|---|---|---|
| 1 | Those students who have got their Aadhar Number. | Should immediately update seeding their Aadhar number by logging into their USED ID. |
| 2 | Those students who have applied but not got Aadhar Number. | They can download their Aadhar number on the basis of their **Enrolment Id** by going through the link **https://eaadhaar.uidal.gov.in/** OR, they can contact to the toll free number **1800-300-1947** and update the same after receipt of the Aadhar number. |
| 3 | Those students whose Aadhar Card has been rejected/temporarily suspended. | They have to re-enrol/re-apply in the near Enrolment Centre. |
| 4 | Those students who have applied but not got Enrolment Id. | They can go to the Permanent Enrolment Centre at their nearest Tehsil office and ask for their Enrolment Id.<br>OR, They can Re-apply/Re-enrol in the centre. |
| 5 | Those who have not yet Enrolled/Applied Aadhar Card. | They can go to the Permanent Enrolment Centre at their nearest Tehsil and apply for Aadhar Card by 30.01.2015. |

**NB.:- Applicants have to be very careful while updating their Aadhar information online in PRERANA Portal/MOMA Portal. Any wrong entry or mismatch in case of Aadhar Number the Department will not be responsible for miss-credit and the applicant will be held responsible in case of diversion of public money on this ground.**

**In case of any problem faced by the students at the time of updating Aadhar number through online they may take the help of Institute concerned Helpline No. 1800-300-1947 or communicate through e-mail ID-stscpms@gmail.com.**

**Director, SC**
**ST & SC Development Department**

# ଓଡିଶା ସରକାର

## ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ,

ଏତଦ୍‌ଦ୍ୱାରା ସମସ୍ତ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଆବେଦନ କରିଥିବା ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ/ ସଂଖ୍ୟାଲଘୁ ବର୍ଗର ଛାତ୍ରଛାତ୍ରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟ ଛାତ୍ରଛାତ୍ରୀମାନେ ସେମାନଙ୍କର ଆଧାର ନମ୍ବରକୁ ବ୍ୟାଙ୍କ ପାସବୁକ୍ ନମ୍ବର ସହିତ ସଂଯୋଗ କରିବାକୁ ପଡିବ । ତେଣୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ଯେ ଉପରୋକ୍ତ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ନିଜେ ଅଥବା ଶିକ୍ଷାନୁଷ୍ଠାନର ସହାୟତାରେ ସେମାନଙ୍କର ଆଧାର ନମ୍ବରକୁ PRERANA/MOMA Portalରେ ବ୍ୟାଙ୍କ ଆକାଉଣ୍ଟ ସହିତ ସଂଯୋଗ କରିବେ ।

ଯେହେତୁ ଚଳିତ ଆର୍ଥିକ ବର୍ଷ ପ୍ରାୟ ଶେଷ ହେବାକୁ ବସିଲାଣି ତେଣୁ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ଏହି କାର୍ଯ୍ୟ ତା.୦୫.୦୨.୨୦୧୫ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଚେଷ୍ଟା କରିବେ । ଯେଉଁ ଛାତ୍ର ଛାତ୍ରୀମାନେ ଆଧାର ନମ୍ବର ଏ ପର୍ଯ୍ୟନ୍ତ ସଂଯୋଗ କରିନାହାଁନ୍ତି, ସେମାନେ ସେମାନଙ୍କର ଛାତ୍ରବୃତ୍ତି ପାଇଁ ପଞ୍ଜିକୃତ ଆବେଦନ ପତ୍ରରେ ଆଧାର ନମ୍ବର ସଂଯୋଗ କରିବା ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବେ ।

| ଛାତ୍ର ଛାତ୍ରୀମାନଙ୍କର ଆଧାର ନମ୍ବର ର ସଂଯୋଗ ପାଇଁ ନେବାକୁ ପଡୁଥିବା ବିଭିନ୍ନ ପଦକ୍ଷେପ : | | |
|---|---|---|
| ୦୧ | ଯେଉଁ ଛାତ୍ର ଛାତ୍ରୀମାନଙ୍କର ଆଧାର ନମ୍ବର ଅଛି । | ସେମାନେ ସଙ୍ଗେ ସଙ୍ଗେ ସେମାନଙ୍କର user ID ଏବଂ Password ଦ୍ୱାରା PRERANA/MOMA Portalରେ ସେମାନଙ୍କର ଆବେଦନ ପତ୍ରରେ ଆଧାର ନମ୍ବର ସଂଯୋଗ କରିବେ କିମ୍ବା ପଢୁଥିବା ଅନୁଷ୍ଠାନର ସାହାଯ୍ୟ ନେଇ ଏହି ସଂଯୋଗ କରିପାରିବେ । |
| ୦୨ | ଯେଉଁ ଛାତ୍ର ଛାତ୍ରୀମାନେ ଆଧାର ନମ୍ବର ପାଇଁ ପଞ୍ଜିକୃତ ହୋଇଛନ୍ତି କିନ୍ତୁ ଆଧାର ନମ୍ବର ପାଇ ନାହାଁନ୍ତି | ସେମାନେ ସେମାନଙ୍କର enrolment ତଥ୍ୟ ଭିତ୍ତିରେ ନିଜର e-Adhar No. ସରକାରଙ୍କ website https://eadhaar.uidai.gov.in ରୁ ପାଇପାରିବେ କିମ୍ବା ଶୁଳ୍କମୁକ୍ତ ଟେଲିଫୋନ ନମ୍ବର ୧୮୦୦-୩୦୦-୧୯୪୭ ବ୍ୟବହାର କରି ସେମାନଙ୍କର ଆଧାର କାର୍ଡର ସ୍ଥିତି ବିଷୟରେ ଜାଣିପାରିବେ । |
| ୦୩ | ଯେଉଁ ଛାତ୍ର ଛାତ୍ରୀମାନଙ୍କର ଆଧାର କାର୍ଡ ନାକଚ (Rejected)/ ସାମୟିକ ଭାବରେ ସ୍ଥଗିତ ରଖାଯାଇଛି । | ସେମାନେ ନିଜେନିଜର ତହସିଲ ଅଫିସରେ ଖୋଲାଯାଇଥିବା ସ୍ଥାୟୀ ଆଧାର କେନ୍ଦ୍ରରେ ନିଜକୁ ପୁନଃ ପଞ୍ଜିକରଣ କରିବେ ଓ ପଞ୍ଜିକରଣର ପ୍ରାପ୍ତି ସ୍ୱୀକାର ପତ୍ର ନିଜ ସଙ୍ଗରେ ଆଣିବେ । |
| ୦୪ | ଯେଉଁ ଛାତ୍ର ଛାତ୍ରୀମାନଙ୍କର ପଞ୍ଜୀକରଣ କରିଥିଲେ ହେଁ ସେମାନଙ୍କ ପାଖରେ ପଞ୍ଜିକରଣର ପ୍ରାପ୍ତି ସ୍ୱୀକାର ପତ୍ର ନାହିଁ । | ସେମାନେ ନିଜେନିଜର ତହସିଲ ଅଫିସରେ ଖୋଲାଯାଇଥିବା ସ୍ଥାୟୀ ଆଧାର କେନ୍ଦ୍ରରେ ତା.୩୦.୦୧.୨୦୧୫ ସୁଦ୍ଧା ନିଜକୁ ପୁନଃ ପଞ୍ଜିକରଣ କରିବେ ଓ ପଞ୍ଜିକରଣର ପ୍ରାପ୍ତି ସ୍ୱୀକାର ପତ୍ର ନିଜ ସଙ୍ଗରେ ଆଣିବେ । |
| ୦୫ | ଯେଉଁ ଛାତ୍ର ଛାତ୍ରୀମାନେ ଆଜି ସୁଦ୍ଧା ଆଦୌ ପଞ୍ଜୀକରଣ କରିନାହାଁନ୍ତି । | ସେମାନେ ନିଜେନିଜର ତହସିଲ ଅଫିସରେ ଖୋଲାଯାଇଥିବା ସ୍ଥାୟୀ ଆଧାର କେନ୍ଦ୍ରରେ ତା.୩୦.୦୧.୨୦୧୫ ସୁଦ୍ଧା ନିଜକୁ ପଞ୍ଜିକରଣ କରିବେ ଓ ପଞ୍ଜିକରଣର ପ୍ରାପ୍ତି ସ୍ୱୀକାର ପତ୍ର ନିଜ ସଙ୍ଗରେ ଆଣିବେ । |

ଯଦି ଉପରୋକ୍ତ ପଦକ୍ଷେପ ନେଲାବେଳେ ଛାତ୍ରଛାତ୍ରୀମାନେ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ସେମାନଙ୍କର ଶିକ୍ଷାନୁଷ୍ଠାନ/ ସମସ୍ତ ସାହାଯ୍ୟ ଯୋଗାଇ ଦେଉଥିବା ଟେଲିଫୋନ ନମ୍ବର -୧୮୦୦-୩୦୦-୧୯୪୭ ର ସାହାଯ୍ୟ ନେଇ ପାରିବେ କିମ୍ବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର e-mail ID-stscpms @gmail.com ରେ ଯୋଗାଯୋଗ କରିବେ ।

ବିଶେଷ ଦ୍ରଷ୍ଟବ୍ୟ :- PRERANA/MOMA Portal ରେ ନିଜର ପଞ୍ଜୀକୃତ ଆବେଦନ ପତ୍ରରେ ଆଧାର ନମ୍ବର ସଂଯୋଗ ବେଳେ ଛାତ୍ରଛାତ୍ରୀମାନେ ବିଶେଷ ଧ୍ୟାନ ଦେବେ ଯେପରିକି କୌଣସି ତ୍ରୁଟି ନ ରହେ । କୌଣସି ତ୍ରୁଟି ପାଇଁ ଛାତ୍ରବୃତ୍ତି ସେମାନଙ୍କର ବ୍ୟାଙ୍କ ଖାତାରେ ଜମା ନ ହେଲେ ଏହି ବିଭାଗ ଦାୟୀ ରହିବେ ନାହିଁ । ଛାତ୍ରଛାତ୍ରୀ ଏହି ଛାତ୍ରବୃତ୍ତି ଅର୍ଥ ଅନ୍ୟ ବ୍ୟାଙ୍କ ଖାତାରେ ଜମା ପାଇଁ ଦାୟୀ ରହିବେ ।

ନିର୍ଦ୍ଦେଶକ, ଅନୁସୂଚିତ ଜାତି (କଲ୍ୟାଣ)
ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ